# ଚକୁଳି ଖାଇବା ଲୋକ ବିନ୍ଧ ଗଣୁଚ କିଆଁ ?

୧୦/୦୪/୨୦୦୧

**ଆମ ଘରର ହାଲଚାଲ**

ସୌମ୍ୟରଂଜନ ପଟ୍ଟନାୟକ

ବନହରପାଲିସ୍ଥିତ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମର ତାପଜ ବିଦ୍ୟୁତ୍ କେନ୍ଦ୍ରର ଇଞ୍ଜିନିୟର ଓ ଅଫିସରମାନେ ଗତକାଲି ସକାଳୁ ସମୂହ ଛୁଟି ନେବା ଫଳରେ ବିଦ୍ୟୁତ୍ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଓଡ଼ିଆ ଇଞ୍ଜିନିୟର ଭାଇମାନେ କାହିଁକି କାର୍ଯ୍ୟ ବନ୍ଦ ଭଳି ଚରମ ନିଷ୍ପତ୍ତି ନେବାପାଇଁ ବାଧ୍ୟ ହେଲେ, ସେ ବିଷୟରେ ସରକାରଙ୍କ ପାଖରେ କି ସୂଚନା ଅଛି ଆମେ ଜାଣୁନାହୁଁ। ସରକାର ଏ ବିଷୟରେ କ'ଣ କରିବାକୁ ଯାଉଛନ୍ତି ତାହା ମଧ୍ୟ ମନ୍ତ୍ରୀ ମହୋଦୟ ସ୍ପଷ୍ଟ କରିପାରିଲେ ନାହିଁ। ତେବେ ଆମ ପାଖରେ ଯେତିକି ଖବର ଅଛି, ତାହା ଓଡ଼ିଶା ସରକାରଙ୍କର ଶକ୍ତି ବିଭାଗର ହାବଭାବ ପ୍ରତି ଯେ କେବଳ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ତାହା ନୁହେଁ; ଉଦାର ଅର୍ଥନୀତି, ପୁଞ୍ଜି ନିବେଶ ଓ ପୁଞ୍ଜି ପ୍ରତ୍ୟାହାର ଆଦି ଗୁରୁତ୍ୱପୂର୍ଣ୍ଣ ଅଥଚ ସ୍ପର୍ଶକାତର ପ୍ରସଙ୍ଗ ସମ୍ପର୍କରେ ପୁଣି ଥରେ ସନ୍ଦେହଜାତ କରୁଛି।

ଗତ କେତେମାସ ଧରି ଓ.ପି.ଜି.ସି.ର ଇଞ୍ଜିନିୟର ଓ ଅଫିସରମାନେ ଆମେରିକାର ଏ.ଇ.ଏସ୍. କମ୍ପାନୀର ଆଭିମୁଖ୍ୟ ଓ ପରିଚାଳନା ଶୈଳୀ ବିରୋଧରେ ଆପତ୍ତି ଅଭିଯୋଗ କରିଆସୁଥିଲେ। ତିନିବର୍ଷ ତଳେ ଓଡ଼ିଶା ସରକାର ୪୯ ଭାଗ ଅଂଶଧନକୁ ୬୦୩ କୋଟି ଟଙ୍କା ବିନିମୟରେ ଏ.ଇ.ଏସ୍. କମ୍ପାନୀକୁ ବିକି ଦେଇଥିଲେ। ବଦଳରେ ଏ.ଇ.ଏସ୍. କମ୍ପାନୀ ପରିଚାଳନା କରିବାର ଅଧିକାର ପାଇଲେ। ସରକାର ୫୧ ପ୍ରତିଶତ ଅଂଶଧନର ମାଲିକ ହୋଇ ଅଧ୍ୟକ୍ଷ ଓ ଅର୍ଥ ନିର୍ଦ୍ଦେଶକ ପଦବୀ ପାଇଥିବାବେଳେ ଏ.ଇ.ଏସ୍. କମ୍ପାନୀ ତରଫରୁ ପରିଚାଳନା ନିର୍ଦ୍ଦେଶକ ଓ ଅନ୍ୟ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏ.ଇ.ଏସ୍. କମ୍ପାନୀ ସହିତ ଯେଉଁ ଚୁକ୍ତିନାମା ହେଲା, ସେଥିରେ ୪୯ ପ୍ରତିଶତ ଅଂଶଧନ ଥାଇ ମଧ୍ୟ ଯଥେଷ୍ଟ ଅଧିକ କ୍ଷମତା ତାଙ୍କ ହାତରେ ଟେକି ଦିଆଗଲା।

କେଉଁ ବିଶେଷ ପରିସ୍ଥିତିରେ ଓଡ଼ିଶା ସରକାର ଅଂଶଧନ ବିକିବା ପାଇଁ ବାଧ୍ୟ ହେଲେ, ତାହା ଭିନ୍ନ ଏକ ପ୍ରସଙ୍ଗ ଏବଂ ଅଧିକ ଅନାସକ୍ତ ଆଲୋଚନାର ଅପେକ୍ଷା ରଖୁଛି। ଇଞ୍ଜିନିୟର ଭାଇମାନଙ୍କର ଯୁକ୍ତି ହେଲା, ଅଂଶଧନ ନ ବିକିଥିଲେ ଓ.ପି.ଜି.ସି. ଏଭଳି ଏକ ନିଗମ ହୋଇଥାନ୍ତା ଯାହା ବର୍ଷ ବର୍ଷ ଧରି ଓଡ଼ିଶା ସରକାରଙ୍କୁ ଲାଭାଂଶ ଯୋଗାଉଥାନ୍ତା। ଯେତେବେଳେ ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତି ନିଆଗଲା, ସେତେବେଳେ ସାରା ଭାରତରେ ଉଦାରୀକରଣର ମଳୟ ପବନ ବହୁଥିଲା। ଅମଲାତାନ୍ତ୍ରିକ ନାଲିଫିତା ଏବଂ ଅପାରଗତାରୁ ମୁକ୍ତି ପାଇବା ପାଇଁ ଅନେକ ଦକ୍ଷ ଓ ଅତ୍ୟନ୍ତ ବୃତ୍ତି ଅନୁରାଗୀ ବ୍ୟକ୍ତି ଉଦାରୀକରଣ ପ୍ରକ୍ରିୟା ଓ ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତିକୁ ସମର୍ଥନ ଜଣାଇଥିଲେ। ସେତେବେଳେ ଏମାନେ ଆଶା କରିଥିଲେ, ଆମେରିକାନ୍ କମ୍ପାନୀ ଅଂଶଧନ କିଣିବା ପରେ ଅବଶିଷ୍ଟ ବିଦ୍ୟୁତ କେନ୍ଦ୍ରଗୁଡ଼ିକୁ ନିର୍ମାଣ କରିବାରେ ପୁଞ୍ଜିର ଅଭାବ ରହିବ ନାହିଁ କି ଅଯଥା ବିଳମ୍ବ ହେବନାହିଁ। ଓଡ଼ିଆ ଯୁବ ଇଞ୍ଜିନିୟରମାନେ ଭବିଷ୍ୟତକୁ ନେଇ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ଅଚିରେ ସାକାର ହେବ। ବୋଧହୁଏ, ଏଇଥିପାଇଁ ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତିର କୌଣସି ବିରୋଧ କରାଯାଇ ନ ଥିଲା। ବାଲକୋ ପୁଞ୍ଜି ପ୍ରତ୍ୟାହାର ସମ୍ପର୍କରେ କିଭଳି ପ୍ରତିକ୍ରିୟା ପ୍ରକାଶ ପାଉଛି, ତାହା ଆଜି ଆମେ ନିଜ ଆଖିରେ ଦେଖୁଛୁ। ଏହାର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅନିଲ୍ ଅଗ୍ରୱାଲ୍ ବରାବର ଗୋଟିଏ କଥା କହିବାକୁ ଚେଷ୍ଟା କରୁଛନ୍ତି ଯେ, ବାଲକୋର କୌଣସି କର୍ମଚାରୀ ଭାଇମାନଙ୍କର ମୁଣ୍ଡକାଟ ହେବନାହିଁ କି ସେମାନଙ୍କର ସୁବିଧା, ସୁଯୋଗ ଓ ଚାକିରି ସର୍ତ୍ତାବଳିରେ କୌଣସି କାଣ୍ଟଛାଣ୍ଟ କରାଯିବ ନାହିଁ। ଗ୍ରୀଡ୍‌କୋ କର୍ମଚାରୀ ଭାଇମାନଙ୍କ ସହିତ ସରକାର ତାଙ୍କର ଚାକିରି ସର୍ତ୍ତାବଳିକୁ ନେଇ ପ୍ରଥମେ ଚୁକ୍ତି କରିବା ପାଇଁ ବାଧ୍ୟ ହେଲେ। ପରେ ଯାଇ ପୁଞ୍ଜି ପ୍ରତ୍ୟାହାର ଏବଂ ବେସରକାରୀ ସଂସ୍ଥାକୁ ବିଦ୍ୟୁତ ବଣ୍ଟନ ଦାୟିତ୍ୱ ଦେବା ସମ୍ଭବ ହେଲା। ଏ.ଇ.ଏସ୍. କର୍ତ୍ତୃପକ୍ଷ କିନ୍ତୁ କଥା କଥାରେ ଏ.ଇ.ଏସ୍. ସଂସ୍କୃତି ଏବଂ ମୁଣ୍ଡକାଟ କଥା ଉଠାଉଛନ୍ତି। ଏ.ଇ.ଏସ୍. କମ୍ପାନୀ ହାତରେ ପରିଚାଳନା ଭାର ଟେକିଦେବା ଦ୍ୱାରା ଏବଂ ସେମାନଙ୍କର କାର୍ଯ୍ୟଶୈଳୀ ଏବଂ ସ୍ୱେଚ୍ଛାଚାରିତାକୁ ଆମର ଅମଲାତାନ୍ତ୍ରିକ ନିର୍ଦ୍ଦେଶକ ମଣ୍ଡଳୀ ନିରବ ରହି ସମର୍ଥନ କରୁଥିବାରୁ ଇଞ୍ଜିନିୟର ଭାଇମାନେ ଆଜି ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି।

ଆଜି ଓ.ପି.ଜି.ସି.ର ଇଞ୍ଜିନିୟରମାନେ ଅନୁତାପ କରୁଛନ୍ତି ଯେ, ସେମାନେ କାହିଁକି ପୁଞ୍ଜି ପ୍ରତ୍ୟାହାର ସମୟରେ ନିଜ ଦାବି ଉପସ୍ଥାପନ କଲେ ନାହିଁ? ସେମାନଙ୍କର ଯୁକ୍ତି ହେଲା, ଏ.ଇ.ଏସ୍. ସଂସ୍କୃତି ଓଡ଼ିଆ ଇଞ୍ଜିନିୟରମାନଙ୍କର ସ୍ୱାଭିମାନ ପ୍ରତି କୁଠାରଘାତ କରୁଛି। ଏଭଳି ଏକ ସଂସ୍କୃତିର କୌଣସି ଆବଶ୍ୟକତା ନାହିଁ। କାରଣ ଇବ୍ ତାପଜ ବିଦ୍ୟୁତ କେନ୍ଦ୍ରକୁ ଓଡ଼ିଆ ଇଞ୍ଜିନିୟରମାନେ ବହୁ କଷ୍ଟ ସ୍ୱୀକାର କରି ନିର୍ମାଣ କରିଥିଲେ। ଏଥିରେ ଭାରତ ହେଭି ଇଲେକ୍ଟ୍ରିକାଲସ ଦ୍ୱାରା ପ୍ରଦତ୍ତ ସମ୍ପୂର୍ଣ୍ଣ ଦେଶୀ କାରିଗରୀ କୌଶଳର ବିନିଯୋଗ କରାଯାଇଅଛି। ଏ.ଇ.ଏସ୍. ଅଂଶଧନ କିଣିବା ପୂର୍ବରୁ ଦୀର୍ଘ ୬ ବର୍ଷ ଧରି ସେମାନେ ଏହାକୁ ସଫଳତାର ସହିତ ଚଳାଇ ଆସିଥିଲେ। ଏହି ୬ ବର୍ଷ ମଧ୍ୟରେ ଓଡ଼ିଶା ସରକାର ସବୁ ଦୃଷ୍ଟିରୁ ଲାଭାନ୍ୱିତ ହୋଇଛନ୍ତି। ଆମେରିକାନ୍ କମ୍ପାନୀକୁ ଅଂଶଧନ ବିକିବା ଫଳରେ ବସ୍ତୁ ସ୍ଥିତିରେ ସେପରି କୌଣସି ପରିବର୍ତ୍ତନ ହୋଇନାହିଁ। କେବଳ ଦୁଇଟି ଘଟଣା ଘଟିଛି। ଓଡ଼ିଶା ସରକାର ୬୦୩ କୋଟି ଟଙ୍କା ପାଇଛନ୍ତି ଏବଂ ବନହରପାଲି ବିଦ୍ୟୁତ କେନ୍ଦ୍ରକୁ ତିନିଜଣ ଗୋରା ଚମଡ଼ା ବାଲା ପରିଚାଳକ ହୋଇ ଆସିଛନ୍ତି। ସେମାନଙ୍କର ବୈଷୟିକ ଜ୍ଞାନ ଓ ଅନୁଭବ ସେହିମାନଙ୍କୁ ହିଁ ଜଣା। କାରଖାନାଟିକୁ ଓଡ଼ିଆ ଇଞ୍ଜିନିୟରମାନେ ଆଗରୁ ଯେମିତି ଚଳାଉଥିଲେ ସେମିତି ଚଳାଉଛନ୍ତି। ଆଗରୁ ଯେତେ ପି.ଏଲ୍.ଏଫ୍.ରେ ଚାଲୁଥିଲା ତାହାଠୁ ଅଧିକ ହୋଇଛି ବରଂ କମିନାହିଁ। ଲାଭ ତ ନିଶ୍ଚିତ ଭାବରେ ହେଉଛି। ଏଭଳି ଏକ ପରିସ୍ଥିତିରେ ଆମର ନିଜସ୍ୱ କର୍ମସଂସ୍କୃତିକୁ ତ୍ୟାଗ କରି ବିଦେଶୀ ସଂସ୍କୃତିକୁ ଆପଣେଇବାର ଆବଶ୍ୟକତା ରହୁଛି କେଉଁଠି? ଯଦି ଓଡ଼ିଆ ଇଞ୍ଜିନିୟରମାନେ ଅପାରଗ ହୋଇଥାନ୍ତେ, ଆଶାନୁରୂପକ ଉତ୍ପାଦନ କରିପାରୁ ନ ଥାନ୍ତେ, ତାହାହେଲେ ଅବା ନୂଆ କର୍ମସଂସ୍କୃତି ନାଆଁରେ ଆମେରିକୀୟ ସଂସ୍କୃତିକୁ ଲଦିଦେବା ପଛରେ କିଛି ଯୁକ୍ତି ଥାଆନ୍ତା। ଆମ ସରକାର ଅଭାବରେ ପଡ଼ି ୬୦୩ କୋଟି ପାଇବେ ବୋଲି ଆମ ସମ୍ପତ୍ତି ବିକିଲେ। କିନ୍ତୁ ସେହି ସମ୍ପତ୍ତିକୁ ଆଧାର କରି ଆମେ ଯେଉଁମାନେ ଅତୀତରେ ସ୍ୱପ୍ନ ଦେଖୁଥିଲେ, ସେମାନଙ୍କର ସୁରକ୍ଷା ଦାୟିତ୍ୱ ନେଲେନାହିଁ କାହିଁକି? ଏ ପ୍ରଶ୍ନ ଆଜି କେବଳ ଓ.ପି.ଜି.ସି.ର ଇଞ୍ଜିନିୟର ଭାଇମାନଙ୍କୁ ବିବ୍ରତ କରୁନାହିଁ, ଓଡ଼ିଶାର ପ୍ରତ୍ୟେକ ସଚେତନ ନାଗରିକଙ୍କୁ ଆନ୍ଦୋଳିତ କରୁଛି।

ସବୁଠାରୁ ବିଡ଼ମ୍ବନାର ବିଷୟ ହେଲା, ଆଜିର ବିଜେପି-ବିଜେଡିର ମେଣ୍ଟ ସରକାର ଏ ବିଷୟରେ ଆଦୌ ସଚେତନ ଥିଲାପରି ମନେ ହେଉନାହିଁ। ବିଜେପି ସଦାସର୍ବଦା ସ୍ୱଦେଶୀ କଥା କହିଆସୁଛି। ବିଜେଡି ତ ସହଜରେ ବିଜୁବାବୁଙ୍କ ନାମ ନେଇ ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନର ଜାଗ୍ରତ ପ୍ରହରୀ ବୋଲି ନିଜକୁ ଉପସ୍ଥାପିତ କରିଆସିଛି। ଆଜି ଉଭୟ ଆମର ସଫଳ ସ୍ୱଦେଶୀ କୌଶଳ ଏବଂ ଓଡ଼ିଆ ସ୍ୱାଭିମାନ ଆମେରିକୀୟ କମ୍ପାନୀର ଆକ୍ରୋଶର ଶିକାର ହୋଇଛନ୍ତି। ଏଥିରୁ ଆମକୁ ରକ୍ଷା କରିବାର ଦାୟିତ୍ୱ କାହାର? ଟଙ୍କା ଦେଇଛନ୍ତି ବୋଲି ଆମର ସଫଳ କର୍ମ ସଂସ୍କୃତିକୁ ନଷ୍ଟ କରିବାପାଇଁ ତାଙ୍କୁ କିଏ ଅଧିକାର ଦେଇଛି? କାଲି ଯଦି ସେମାନେ କହିବେ, ଧୋତି କୁର୍ତ୍ତା ପିନ୍ଧନାହିଁ, ହାଫ୍ ପ୍ୟାଣ୍ଟ ପିନ୍ଧି ଅଫିସ୍‌କୁ ଆସ କିମ୍ବା ବିବାହ ମଣ୍ଡପରେ ନିଆଁ ଚାରିପଟେ ସାତଘେରା ନ ବୁଲି ବେଦି ଉପରେ ନବବଧୂକୁ ସମସ୍ତଙ୍କ ଆଗରେ ଚୁମ୍ବନ ଦିଅ, ତାହା ଆମେ ଗ୍ରହଣ କରିବା କି? ଆମର ଉତ୍ତର ହେଲା - ନା। ଆମେ ଯଦି ଧୋତି ପିନ୍ଧି ତୁମଠାରୁ ଅଧିକ ବେଗରେ ଓ ନିରାପଦରେ ସାଇକେଲ୍ ଚଳାଇପାରୁଛୁ, ଆମକୁ ହାଫ୍ ପ୍ୟାଣ୍ଟ ପିନ୍ଧିବା ପାଇଁ ବାଧ୍ୟ କରିପାରିବ ନାହିଁ। ଚକୁଳି ଖାଇବା ଲୋକ ବିନ୍ଧ ଗଣୁଚ କିଆଁ?